# ଓପିଜିସିର ୨୯ ତମ ପ୍ରତିଷ୍ଠା ଦିବସ

ଇବ୍‌ଥର୍ମାଲ,୧୫।୧୧ (ଇମିସ): ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ, ଝାରସୁଗୁଡ଼ା ଇବ୍ ତାପଜ ବିଦ୍ୟୁତ ପ୍ରକଳ୍ପରେ ବୁଧବାର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରଜରାଜନଗର ବିଧାୟକ ଅନୁପ ସାଏ ଏଥିରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପ୍ରକଳ୍ପର ନିର୍ଦ୍ଦେଶକ (ଅପରେସନ) ଇନ୍ଦ୍ରନୀଲ ଦତ୍ତା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ପ୍ରତିଷ୍ଠା ଦିବସ ପାଳନ ଅବସରରେ ପ୍ରଥମେ ସକାଳୁ ଇବ୍‌ଥର୍ମାଲ ପାୱାର

ଅନୁଷ୍ଠିତ ହୋଇଥିଲେ। ଏହି ପ୍ରତିଯୋଗିତାରେ ପ୍ଲାଣ୍ଟର ଅଧିକାରୀ ଓ କର୍ମଚାରୀଙ୍କ ସମେତ ସେମାନଙ୍କର ପିଲାମାନେ ଯୋଗଦେଇଥିଲେ। ଅନୁଷ୍ଠିତ ରକ୍ତଦାନ ଶିବିରରେ ୩୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏଥିରେ ପ୍ରଥମ ରକ୍ତଦାତା ଭାବେ ହସପିଟାଲର ସିଏମ୍‌ଓ ବିଜୟଲାଲ ବିଶ୍ୱାଳ ରକ୍ତ ଦେଇଥିଲେ। ସଂଧ୍ୟାରେ ପାଣିଶୀ ପୁଷ୍ପା କଲଚରାଲ ଗ୍ରୁପ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବର୍ଷସାରା ପ୍ଲାଣ୍ଟରେ କାର୍ଯ୍ୟ କରିଥିବା କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା।